REGIONAL NEWS UNIT, AIR CUTTACK

Morning Bulletin (7.05 AM)

3 August – 2025

**************************************************************

# ବଲଙ୍ଗା ପୀଡିତାଙ୍କ ମୃତ୍ୟୁ

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ପୀଡିତାଙ୍କର ଗତକାଲି ମୃତ୍ୟୁ ହୋଇଛି । ଆଜି ତାଙ୍କର ଶବ ବ୍ୟବଚ୍ଛେଦ ପରେ ଭୁବନେଶ୍ୱରକୁ ଅଣାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲଙ୍ଗା ପୀଡିତାଙ୍କ ମୃତ୍ୟୁରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ଶ୍ରୀ ମାଝୀ ବଲଙ୍ଗା ପୀଡିତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ରାଜ୍ୟପାଳ–ବିଶ୍ୱ ବାଣିଜ୍ୟ ଦିବସ

ଆନ୍ତର୍ଜାତିକ ବାଣିଜ୍ୟ ସାମଗ୍ରୀ ଓ ସେବା ବିନିମୟ ସହ ପରିବର୍ତ୍ତନଶୀଳ ଶକ୍ତି, ଯାହାକି ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ବାଣିଜ୍ୟ ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ସାମୁହିକ ଉଦ୍ୟମ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ସୁରେଶ ପୂଜାରୀ-ବୈଠକ

ବରଗଡ ଜିଲ୍ଲାସ୍ତରୀୟ ରାଜସ୍ୱ ବିଭାଗ ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର କାର୍ଯ୍ୟକାରୀତା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଜମି ଜବରଦଖଲ ମୁକ୍ତ କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକ ଅବସରରେ ୧୪୬ଟି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି ।

## ଶିକ୍ଷକ ନିଯୁକ୍ତି ସୁପାରିଶ

ରାଜ୍ୟରେ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଲକ୍ଷ୍ୟନେଇ ୪୪ହଜାର ୪୩୩ ଶିକ୍ଷକ ନିଯୁକ୍ତି ପାଇଁ ସୁପାରିଶ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଶିଶୁଙ୍କ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଏବଂ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନୀତି ଆଧାରିତ ବିଭିନ୍ନ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି ।

## କ୍ୟାମ୍ପକୋର୍ଟ

ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ ଅନୁଯାୟୀ ଦାୟର ଅପିଲ ମାମଲା ଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟନେଇ ଏକ ସ୍ୱତନ୍ତ୍ର କ୍ୟାମ୍ପକୋର୍ଟ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ଉନ୍ନତି ଭବନରେ ଗୃହନିର୍ମାଣ ଓ ନଗର ଉନ୍ନୟନ

ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କ୍ୟାମ୍ପକୋର୍ଟ ୧୩୯ଟି ବିଚାରାଧୀନ ମାମଲାର ଶୁଣାଣି ହୋଇଛି । ବିଚାରାଧୀନ ଅନ୍ୟ ମାମଲା ଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ପର୍ଯ୍ୟାୟକ୍ରମେ କ୍ୟାମ୍ପକୋର୍ଟ ଆୟୋଜନ କରାଯିବ ବୋଲି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ମତଦାନ କେନ୍ଦ୍ର

ଖୋର୍ଦ୍ଧା ଜିଲ୍ଲାରେ ୪୪ଟି ଅତିରିକ୍ତ ମତଦାନ କେନ୍ଦ୍ର ସ୍ଥାପନ ପାଇଁ ନିର୍ବାଚନ କମିଶନଙ୍କ ସୁପାରିଶ କରିବାକୁ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ଏକ ବୈଠକରେ ନୂଆ ମତଦାନ କେନ୍ଦ୍ର ସ୍ଥାପନ ନେଇ ବିସ୍ତୃତ ଆଲୋଚନା ହୋଇଛି । ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏହି ବୈଠକରେ ଯୋଗଦେଇଥିଲେ ।

## ଜଳ ସଞ୍ଚୟ ଜନ ଭାଗିଦାରୀ

କେନ୍ଦ୍ର ସରକାରଙ୍କ ଜଳ ସଞ୍ଚୟ ଜନ ଭାଗିଦାରୀ ଦ୍ୱିତୀୟ ପର୍ଯ୍ୟାୟ ଯୋଜନା ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜାରି ରହିବ । ଯୋଜନାର ପ୍ରଥମ ସଂସ୍କରଣରେ ଦେଢ଼ଲକ୍ଷ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣକରି ଓଡ଼ିଶା ସମଗ୍ର ଦେଶରେ ଷଷ୍ଠ ସ୍ଥାନ ଅଧିକାର କରିଥିଲା । ଦ୍ୱିତୀୟ ସଂସ୍କରଣରେ ଏହି ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉନ୍ନୟନ ଆୟୁକ୍ତ ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ସମସ୍ତ ଜିଲ୍ଲାପାଳ ଏବଂ ମହାନଗର ନିଗମ ଆୟୁକ୍ତଙ୍କୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

# ରାଷ୍ଟ୍ରପତି ଭବନ-ଅଙ୍କିତା ଗାଙ୍ଗୁଲି

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆସନ୍ତା ୧୫ ତାରିଖରେ ଆୟୋଜିତ ହେବାକୁ ଥିବା ଆର୍ଟ-ହୋମ୍ ରିସେପ୍ସନରେ  କଟକ ଜିଲ୍ଲା ଚୌଦ୍ୱାରର ଅଙ୍କିତା ଗାଙ୍ଗୁଲୀ ଯୋଗଦେବେ । ରାଷ୍ଟ୍ରପତି ଭବନରୁ ଏଥିପାଇଁ ତାଙ୍କ ପାଖକୁ ନିମନ୍ତ୍ରଣ ଆସିଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୁବ ସମ୍ମିଳନୀର ବିକଶିତ ଭାରତ ୟଙ୍ଗ ଇଣ୍ଡିଆ ଲିଡର ଡିବେଟ୍‌ରେ ଅଙ୍କିତା ଅଂଶଗ୍ରହଣ କରିଥିଲେ । ବିଭିନ୍ନ ସ୍ତର ପ୍ରତିଯୋଗିତା ପରେ ସେ ଦେଶର ଶ୍ରେଷ୍ଠ ୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନିତ ହୋଇଥିଲେ ।

# ହରଘର ତ୍ରିରଙ୍ଗା

ହରଘର ତ୍ରିରଙ୍ଗା ଅଭିଯାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏଥିପାଇଁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଅଭିଯାନ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ହରଘର ତ୍ରିରଙ୍ଗା ଅଭିଯାନ ଅନୁଷ୍ଠିତ ହେବ ।

# ଆରକ୍ଷୀ ଅଧୀକ୍ଷକ

୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥାର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ସ୍ୱରାଷ୍ଟ୍ର

ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରାଯାଇଛି । ବର୍ତ୍ତମାନ ସେ ଖୋର୍ଦ୍ଧା ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ଲକ୍ଷ୍ୟ ନେଇ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସାମୁହିକ ଔଷଧ ସେବନ ଅଭିଯାନ ଅନୁଷ୍ଠିତ ହେବ । ଏଥିରେ ୧୨ଟି ଜିଲ୍ଲାକୁ ସାମିଲ କରାଯାଇଛି । ରୋଗୀଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଔଷଧ ପ୍ରଦାନ କରିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବର୍ଷକୁ ୨ଟି ପର୍ଯ୍ୟାୟରେ ଏହି ଅଭିଯାନ କରାଯାଉଛି । ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ସାମୁହିକ ଔଷଧ ସେବନ ଅଭିଯାନରେ ୯୦ ପ୍ରତିଶତ ସଫଳତା ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି ।